# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**11 April - 2024**

---

# ଡାଲି

ଡାଲିର ଦରବୃଦ୍ଧିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସାପ୍ତାହିକ ମହଜୁଦ୍ ପ୍ରକାଶ କରିବା ଏବଂ ଷ୍ଟକ୍ ଯାଞ୍ଚ କରିବାକୁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରମୁଖ ବନ୍ଦର ଓ ଡାଲି ଶିଳ୍ପ କେନ୍ଦ୍ରରେ ଥିବା ଗୋଦାମଗୁଡ଼ିକରେ ଷ୍ଟକ୍ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ଯାଞ୍ଚ କରାଯିବ । ଷ୍ଟକ୍ ସୂଚନା ପୋର୍ଟାଲରେ ମିଥ୍ୟା ସୂଚନା ପ୍ରଦାନ କରୁଥିବା ଷ୍ଟକ୍ ହୋଲ୍ଡିଂ ସଂସ୍ଥାଗୁଡ଼ିକ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ବେଆଇନ ଭାବେ ଡାଲି ମହଜୁଦ ରଖିବା ଏବଂ କଳାବଜାରକୁ ରୋକିବା ପାଇଁ ଡାଲି ସମ୍ପର୍କରେ ଷ୍ଟକ୍ ସ୍ଥିତି ଉପରେ ଅଧିକ ସତର୍କ ନଜର ରଖିବା ପାଇଁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁସାରେ ହରଡ଼, ବିରି, ଚଣା, ମସୁର ଏବଂ ମୁଗ ଆଦି ୫ଟି ଡାଲି ବ୍ୟତୀତ ଆମଦାନୀ ହୋଇଥିବା ହଳଦିଆ ମଟର ସମ୍ପର୍କରେ ଷ୍ଟକ୍ ସ୍ଥିତି ଉପରେ ନଜର ରଖିବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

# ଇଦ୍-ଉଲ୍-ଫିତର

ମୁସଲମାନ ସମ୍ପ୍ରଦାୟର ଭାଇଭଉଣୀମାନେ ଆଜି ପବିତ୍ର ଇଦ୍-ଉଲ୍-ଫିତର ପାଳନ କରୁଛନ୍ତି । ଏକ ମାସ ଧରି ରୋଜା ଶେଷ ହେବା ପରେ ମୁସଲମାନ ଭାଇଭଉଣୀମାନେ ଆଜି ଇଦ୍ ପାଳନ କରୁଛନ୍ତି । ମସଜିଦ୍ ଓ ଇଦ୍‌ଘା ପଡିଆରେ ସମୂହ ନମାଜପାଠ ଅନୁଷ୍ଠିତ ହେଉଛି । ରାଜ୍ୟର ବିଭିନ୍ନ ସ୍ଥାନରୁ ଇଦ୍ ପାଳନ ଏବଂ ନମାଜ ପାଠ ସମ୍ବାଦ ଆମର ହସ୍ତଗତ ହେଉଛି । ଇଦ୍ ଉପଲକ୍ଷେ ରାଜ୍ୟପାଳ ରଘୁବର ଦାଶ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଶାନ୍ତି, ମୈତ୍ରୀ ଓ ଉଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବାକୁ ରାଜ୍ୟପାଳ ତାଙ୍କ ବାର୍ତ୍ତାରେ କହିଛନ୍ତି । ଇଦ୍ ପର୍ବ ପାଇଁ କଟକ, ସମ୍ବଲପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକରେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

# ଶ୍ରୀପ୍ରଭା

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ-ଓୟୁଏଟି ପକ୍ଷରୁ ମାଣ୍ଡିଆ-ଶ୍ରୀପ୍ରଭା ସଫଳ ପରୀକ୍ଷଣ ହେବା ପରି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏହି ମାଣ୍ଡିଆକୁ ଜାତୀୟସ୍ତରରେ ମାନ୍ୟତା ଦେଇଛି । ଏହି ମାନ୍ୟତା ମିଳିବା ପରେ ଶ୍ରୀପ୍ରଭା ମାଣ୍ଡିଆ ଭାରତର ଯେକୌଣସି ସ୍ଥାନରେ ଚାଷ ହୋଇପାରିବ ବୋଲି ଓୟୁଏଟି କର୍ତ୍ତୃପକ୍ଷ କହିଛନ୍ତି । ସୂଚନାଯୋଗ୍ୟ,

ଶ୍ରୀପ୍ରଭା ମାଣ୍ଡିଆ ପୂର୍ବରୁ ଚନ୍ଦ୍ରଗିରି ଓ ମହେନ୍ଦ୍ରଗିରି ନାମକ ଦୁଇଟି କିସମର ଧାନର ସଫଳ ପରୀକ୍ଷଣ ଓୟୁଏଟି  କରିଥିଲା । ଏହି ଦୁଇ ଧାନ ଖରିଫ ଓ ରବିଋତୁରେ ଚାରିମାସ ମଧ୍ୟରେ ଅମଳ ହୋଇପାରିବ । ଚନ୍ଦ୍ରଗିରି ଓ ମହେନ୍ଦ୍ରଗିରି ନାମକ ଦୁଇଟି କିସମର ଧାନକୁ ଜାତୀୟସ୍ତରରେ ମଧ୍ୟ ମାନ୍ୟତା ମିଳିଛି ।

## ଶ୍ରୀପ୍ରଭା

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ-ଓୟୁଏଟି ପକ୍ଷରୁ  ମାଣ୍ଡିଆ-ଶ୍ରୀପ୍ରଭା ସଫଳ ପରୀକ୍ଷଣ ହେବା ପରି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏହି ମାଣ୍ଡିଆକୁ ଜାତୀୟସ୍ତରରେ ମାନ୍ୟତା ଦେଇଛି । ଏହି ମାନ୍ୟତା ମିଳିବା ପରେ ଶ୍ରୀପ୍ରଭା ମାଣ୍ଡିଆ ଭାରତର ଯେକୌଣସି ସ୍ଥାନରେ ଚାଷ ହୋଇପାରିବ ବୋଲି ଓୟୁଏଟି କର୍ତ୍ତୃପକ୍ଷ କହିଛନ୍ତି । ସୂଚନାଯୋଗ୍ୟ, ଶ୍ରୀପ୍ରଭା ମାଣ୍ଡିଆ ପୂର୍ବରୁ ଚନ୍ଦ୍ରଗିରି ଓ ମହେନ୍ଦ୍ରଗିରି ନାମକ ଦୁଇଟି କିସମର ଧାନର ସଫଳ ପରୀକ୍ଷଣ ଓୟୁଏଟି  କରିଥିଲା । ଏହି ଦୁଇ ଧାନ ଖରିଫ ଓ ରବିଋତୁରେ ଚାରିମାସ ମଧ୍ୟରେ ଅମଳ ହୋଇପାରିବ । ଚନ୍ଦ୍ରଗିରି ଓ ମହେନ୍ଦ୍ରଗିରି ନାମକ ଦୁଇଟି କିସମର ଧାନକୁ ଜାତୀୟସ୍ତରରେ ମଧ୍ୟ ମାନ୍ୟତା ମିଳିଛି ।

## ମାଗଣା ପୁସ୍ତକ ବ୍ୟାଙ୍କ

ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ପୁସ୍ତକ ବ୍ୟାଙ୍କ ପ୍ରତିଷ୍ଠା କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଚାଲିଛି । ହାଇସ୍କୁଲଗୁଡିକର ଲାଇବ୍ରେରୀରେ ପ୍ରତିଷ୍ଠା ହେବାକୁ ଥିବା ଏହି ପୁସ୍ତକ ବ୍ୟାଙ୍କ ମାଧ୍ୟମରେ ଦଶମ ଶ୍ରେଣୀ ପାସ୍ କରିଥିବା ଥିବା ଛାତ୍ରଛାତ୍ରୀଙ୍କ ଠାରୁ ପାଠ୍ୟ ପୁସ୍ତକ ସଂଗ୍ରହ କରାଯାଇ ତାହାକୁ ସଂରକ୍ଷିତ ରଖାଯିବ । ପରବର୍ତ୍ତୀ ସମୟରେ ନବମରୁ ଦଶମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଏହା ପ୍ରଦାନ କରାଯିବ । ଏହା ଦ୍ୱାରା ଛାତ୍ରଛାତ୍ରୀମାନେ ସୁବିଧାରେ ପାଠ୍ୟପୁସ୍ତକ ପାଇପାରିବେ ।

## ମତଦାନ ପ୍ରଶିକ୍ଷଣ ଶିବିର

ଦେବଗଡ଼ ଜିଲ୍ଲାରେ ଆଗାମୀ ସାଧାରଣ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ପୋଲିସ କର୍ମଚାରୀଙ୍କ ପୋଷ୍ଟାଲ ବାଲାଟ ମାଧ୍ୟମରେ ପ୍ରଶିକ୍ଷଣ ଶିବିର ରିଟର୍ନିଙ୍ଗ ଅଫିସର ତଥା ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସେମାନେ ଫର୍ମ ନଂ ୧୨ ଓ ୧୨(ଘ) ପୂରଣ କରି ମତଦାନ କରପାରିବେ । ନିର୍ବାଚନ କାର୍ଯ୍ୟରେ ଜିଲ୍ଲାରୁ ୫୪୨ ଜଣ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ।

## ନିର୍ବାଚନୀ ବୈଠକ-ବ୍ରହ୍ମପୁର

ଆସନ୍ତା ସାଧାରଣ ନିର୍ବାଚନକୁ ଶୃଙ୍ଖଳିତଭାବେ ପରିଚାଳନା କରିବା ଏବଂ ବ୍ରହ୍ମପୁର ସହରର ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ସମସ୍ତ ଥାନା ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଏସ.ପି. ଡାକ୍ତର ସାର୍ଥକ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିର୍ବାଚନୀ ପରିଚାଳନା ସମୟରେ ଅପରାଧିକ କାର୍ଯ୍ୟକଳାପକୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ନେଇ ଗୁରୁତ୍ୱାରୋପ କରାଯାଇଥିଲା । ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୮୫୦ରୁ ଅଧିକ ମତଦାନ କେନ୍ଦ୍ର ଥିଲାବେଳେ ସେଥିମଧ୍ୟରୁ ୧୮୪ଟି କେନ୍ଦ୍ର ସମ୍ବେଦନଶୀଳ ଏବଂ ୧୭ଟି କେନ୍ଦ୍ର ଅତି ସମ୍ବେଦନଶୀଳ ରହିଛି । ଏହି ବୁଥଗୁଡିକରେର କଡା ନଜର ରଖିବାକୁ ଏସ୍‌ପି କହିଛନ୍ତି ।

# ଦୁର୍ଘଟଣା

କଟକ-ଅନୁଗୋଳ-ସମ୍ବଲପୁର ୫୫ ନମ୍ବରରେ  ଜାତୀୟ ରାଜପଥ ଗତବର୍ଷ ୪୦୧ଟି ଦୁର୍ଘଟଣା ଘଟିଛି । ଦୁର୍ଘଟଣା ୧୮୬ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୯୭ଜଣ ଗୁରୁତର ଆହତ ହୋଇଛନ୍ତି । ମୃତାହତଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଏକ ମାମଲା ରୁଜୁ ହୋଇଛି ।

# ଚଡକ ଯାତ୍ରା-ନୀଳପର୍ବ

ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ଚନ୍ଦନେଶ୍ୱର ମହାପ୍ରଭୁଙ୍କ ପ୍ରସିଦ୍ଧ ଚଡ଼କ ମେଳାର ଗତକାଲି ଶିବ-କାମିନା ବିବାହ ଅତ୍ୟନ୍ତ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ଆଜି ନୀଳପର୍ବ ପାଳିତ ହେଉଛି। ଏହି ଅବସରରେ ମନ୍ଦିର ପରିସରରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ସକାଳୁ ଭିଡ଼ ହୋଇଛି। ଅପରାହ୍ନରେ ମନ୍ଦିର ସଂଲଗ୍ନ ପୋଖରୀରୁ ଥୁମ୍ବି କାଠ ଉଠିବା ପରେ ତାହାକୁ ମନ୍ଦିର ପରିକ୍ରମା କରାଯିବା ପରେ ଅର୍ଘ୍ୟ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ନୀଳ ପର୍ବରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଥିବାରୁ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ପାଣିପାଗ

ଉତ୍ତର ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ ପବନ ବହିବାର ସମ୍ଭାବନା ଥିବାରୁ ଆସନ୍ତା ଶନିବାର ଠାରୁ ତାପମାତ୍ରା ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ କହିଛି । ବିଶେଷକରି ରାଜ୍ୟର ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ୪୦ ଡ଼ିଗ୍ରୀରୁ ଉର୍ଦ୍ଧ୍ୱ ରହିବ । ଅନ୍ୟପକ୍ଷରେ କାଳବୈଶାଖୀ ର ସମ୍ଭାବନା ଥିବାରୁ ଆଜି ସମ୍ବଲପୁର, ସୋନପୁର, ସୁନ୍ଦରଗଡ  ନୂଆପଡା ଏବଂ ବୌଦ୍ଧ ଜିଲ୍ଲାରେ ସତର୍କ ରହିବା ପାଇଁ ପାଣିପାଗ ବିଭାଗ ପକ୍ଷରୁ ଲୋକମାନଙ୍କୁ କୁହାଯାଇଛି ।